ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

(ଲଘୁ ଖଣିଜ ଶାଖା)

ପତ୍ର ସଂଖ୍ୟା ୧୦୪୪୫ / ତା. ୦୪.୧୧.୨୦୨୪

## ସର୍ବସାଧାରଣ ବିଜ୍ଞପ୍ତି

ଏତଦଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ତହସିଲ ଅଧୀନରେ ଥିବା ଲଘୁ ଖଣିଜ ଉତ୍ସ (ବାଲି, ପଥର, ମୋରମ୍ ) ନିର୍ଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସ (ଗ୍ରାନାଇଟ୍ ପଥର) (Decorative Stone) ଖଣି, କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ବାରା ପ୍ରଚଳିତ ନିୟମ ଅନୁଯାୟୀ ତଥା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA)ଙ୍କ ନିର୍ଦ୍ଦେଶକ୍ରମେ ଖଣିଜ ଉତ୍ସଗୁଡ଼ିକୁ ସର୍ବେକ୍ଷଣ କରାଯାଇ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଅଛି | ତାର ସାରଣୀ ଏଥିସହିତ ସଂଲଗ୍ନ କରାଗଲା । ଏଥିନିମନ୍ତେ ସରକାରଙ୍କ ନିୟମ ଅନୁଯାୟୀ ଖଣିଜ ଉତ୍ସଗୁଡ଼ିକ ଚୂଡ଼ାନ୍ତ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ ହେବା ପୂର୍ବରୁ ଜନସାଧାରଣଙ୍କର ଅବଗତି ଓ ଅଭିଯୋଗ ଓ ପ୍ରସ୍ତାବ ସୁପାରିଶ ନିମନ୍ତେ ଆହ୍ବାନ କରାଯାଇ ସର୍ବସାଧାରଣ ବିଜ୍ଞପ୍ତି ତାରିଖ. ୦୪ .୧୧.୨୦୨୪ଠାରୁ ଜିଲ୍ଲା ୱେବ ପୋର୍ଟାଲ (subarnapur.odisha.gov.in) ରେ ଉପଲବ୍ଧ କରାଯାଇଅଛି | ପ୍ରକାଶଥାଉକି, ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ପରେ କୌଣସି ଅଭିଯୋଗ ବା ପ୍ରସ୍ତାବ ସୁପାରିଶ ଗ୍ରହଣ କରାଯିବ ନାହିଁ। ଉକ୍ତ ଲଘୁ ଖଣିଜ ଦ୍ରବ୍ୟର ସବିଶେଷ ବିବରଣୀ ଜିଲ୍ଲା ୱେବ ପୋର୍ଟାଲ (subarnapur.odisha.gov.in) ଓ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବଲାଙ୍ଗିର, ସମସ୍ତ ବ୍ଲକ କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ |

ଜିଲ୍ଲାପାଳଙ୍କ ଆଦେଶାନୁସାରେ,

ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର